# ଓଡ଼ିଶା ବିଧାନସଭା

## ପଞ୍ଚଦଶ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୮ ଫେବୃୟାରୀ ୨୦୨୪

----

: [ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ - ଆଇନ ଜଳ ସମ୍ପଦ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

*61 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

### ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

*62 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ ମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

### ପଞ୍ଜିକୃତ ଶ୍ରମିକ ମାନଙ୍କୁ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା

*63 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରଣପୁର ନିର୍ବାଚନ ମଣ୍ଡଳୀର ଉଭୟ ରଣପୁର ଓ ଓଡ଼ଗାଁ ବ୍ଲକର କେତେଜଣ ଶ୍ରମିକ ଓ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇ କାର୍ଡ଼ ପାଇଛନ୍ତି; ବିଗତ ପାଞ୍ଚବର୍ଷରେ ସେମାନେ କି କି ପ୍ରକାର ସରକାରୀ ସୁବିଧା ପାଇଛନ୍ତି; ଉକ୍ତ ପଞ୍ଜିକୃତ ଶ୍ରମିକ ମାନଙ୍କୁ ବୀମା ଓ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବାସହ ESI ଔ EPI ପରିସରଭୁକ୍ତ କରିବାର ବ୍ୟବସ୍ଥା କରିବେ କି; ଝିଅ ବାହାଘର ତଥା ମୃତ୍ୟୁଜନିତ କ୍ଷତି ପୁରଣ ମିଳୁନଥିବାରୁ ତୁରନ୍ତ ତାହା ପ୍ରଦାନ କରିବାର ବ୍ୟବସ୍ଥା କରିବେ କି ?

----

## କ୍ରୀଡା ଭିତ୍ତିଭୂମି ଉନ୍ନୟନ

*64 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୋଳ ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଗରୀବ ହ୍ରାସ ପାଇଁ ବିଭିନ୍ନ ଯୋଜନା

*65 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ଗରୀବ ସଂଖ୍ୟା 2010 ମସିହାରେ କେତେ ଥିଲା ଓ ଏହା ବର୍ତ୍ତମାନ କେତେ ପ୍ରତିଶତ ହ୍ରାସ ହୋଇଛି, ଗରୀବ ହ୍ରାସ ପାଇଁ ସରକାରଙ୍କ ବିଶେଷ ଯୋଜନା ସଂପର୍କରେ ସୂଚନା ଦେବେକି?

----

## ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ

*66 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖରିଆର ଠାରେ ନୂତନ ADJ Court ଖୋଲିବା

*67 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଖରିଆର ରେ ADJ Court ଖୋଲିବା ପାଇଁ ଆଜି ପର୍ଯ୍ୟନ୍ତ ସରକାର ବିଳମ୍ବର କାରଣ କଣ ; (ଖ) ଖରିଆର ରେ ରାଜ୍ୟ ସରକାର ଶୀଘ୍ର ରୁ ଅତିଶୀଘ୍ର ADJ Court ଖୋଲିବାର ବ୍ୟବସ୍ଥା କରିବେ କି ?

----

## କାର୍ଯ୍ୟକ୍ଷମ ଥିବା ଲିଫ୍ଟ ପଏଣ୍ଟ

*୬୪ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ 2000 ମସିହା ପୂର୍ବରୁ କେତେ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ଥିଲା, ବର୍ତ୍ତମାନ ରାଜ୍ୟରେ 2010 ମସିହା ପରଠାରୁ କେଉଁ ଜିଲ୍ଲାରେ କେତେ ଲିଫ୍ଟ ପଏଣ୍ଟ ନୂତନ ଭାବେ ବସିଛି, କୃଷକ ମାନଙ୍କ ସୁବିଧା ପାଇଁ ଗତ 10 ବର୍ଷ ମଧ୍ୟରେ କେଉଁ ଜିଲ୍ଲାରେ ସରକାର କ'ଣ ଜଳସେଚନ ସୁବିଧା ପାଇଁ ପଦକ୍ଷେପ ନେଇଛନ୍ତି ସମସ୍ତ ବିଷୟରେ ବିବୃତି ରଖିବେ କି ?

----

## ପଛୁଆ ବର୍ଗ ତାଲିକାଭୁକ୍ତ ହେବାପାଇଁ ଆବେଦନ

*୬୨ **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ କେଉଁ ଜାତି ଗୁଡିକ ପଛୁଆ ବର୍ଗ ତାଲିକାଭୁକ୍ତ ହେବାପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କୁ ତାଲିକାଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା

*70 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ଚଳିତ ବର୍ଷ ରାଜ୍ୟରୁ ଦାଦନ ଖଟିବା ପାଇଁ ମୋଟ୍ କେତେ ଲୋକ ଅନ୍ୟ ରାଜ୍ୟକୁ ଯାଇଛନ୍ତି ଏହାର ଜିଲ୍ଲାୱାରୀ(wise) ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଦାଦନ ପ୍ରବଣ ବ୍ଲକ ମାନଙ୍କୁ ସରକାର କାମ ନଯୋଗାଇବା ଫଳରେ ଏହି ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଥିବା ସତ୍ୟ କି ଏବଂ କେଉଁ ସମୟ ସୀମା ଭିତରେ ଲୋକମାନେ ବାହାର ରାଜ୍ୟକୁ ଦାଦନ ଖଟି ବନ୍ଦ କରିବେ?

----

## ରାଜ୍ୟରେ ଥିବା Sports Policy

*71 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) କେଉଁ କେଉଁ ରାଜ୍ୟରେ ସରକାରଙ୍କର Sports Policy ରହିଅଛି, ଆମ ରାଜ୍ୟର Sports Policy ର କ'ଣ ସ୍ୱତନ୍ତ୍ରତା ରହିଅଛି, ନୂତନ Sports Policy କେବେସୁଦ୍ଧା ଘୋଷଣା ହେବ ; (ଖ) Throw ball ର କେଉଁ ନୀତିରେ ମୂଳରୁ 'C' Category ରେ ଥିବାବେଳେ କମ୍ ଜିଲ୍ଲାରେ ଖେଳାଯାଉଥିଲା, ବର୍ତ୍ତମାନ ଅଧିକ ୨୫ ଟି ଜିଲ୍ଲାରେ Throw Ball ଖେଳାଯାଉଥିବା ସ୍ଥଳେ ଏହାକୁ କାହା ଚାପରେ 'D' Category କୁ ଖସାଇ ଦିଆଗଲା, ଏହାକୁ ଶୀଘ୍ର 'C' Category କୁ ଫେରେଇବେ କି ?

----

## ରାଜ୍ୟ ଯୋଜନା ବୋର୍ଡ଼ରେଥିବା ଉପାଦକ୍ଷ

*72 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ଼ର ସବିଶେଷ ବୈଠକ ମୁଖ୍ୟମନ୍ତ୍ରୀ ତଥା ଏହାର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ କେବେ କେଉଁଠି ଅନୁଷ୍ଠିତ ହୋଇଥିଲା ଏବଂ ଏହି ବୈଠକରେ କଣ ସବୁ ପ୍ରସ୍ତାବ ଗୃହୀତ ହୋଇଥିଲା ;ଏବେ ରାଜ୍ୟ ଯୋଜନା ବୋର୍ଡ଼ର କିଏ ଉପାଧ୍ୟକ୍ଷ ଅଛନ୍ତି ଏବଂ କେଉଁମାନେ କେଉଁ କିସମର ସଦସ୍ୟ ଅଛନ୍ତି ଉପାଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସରକାରୀ ରାଜକୋଷରୁ ବେତନ, ଭତ୍ତା ସମେତ ଅନ୍ୟାନ୍ୟ କଣସବୁ ସୁବିଧା ଦିଆଯାଏ ?

----

## ଗ୍ରାମାଞ୍ଚଳରେ ଡିଜିଟାଲ୍ ସଂଯୋଗ

*73 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଗ୍ରାମାଞ୍ଚଳରେ ଡିଜିଟାଲ୍ ସଂଯୋଗ ବୃଦ୍ଧି ଲକ୍ଷ୍ୟରେ ଚଳିତ ଆର୍ଥିକ ବର୍ଷର ମୂଳ ଓ ଅତିରିକ୍ତ ବଜେଟ୍ ରେ କେତେ ଟଙ୍କା ବରାଦ ହୋଇଥିଲା ଏବଂ ସେଥିରୁ କେତେଟଙ୍କା ବ୍ୟୟରେ କେଉଁ ଜିଲ୍ଲାର କେତେ ଗ୍ରାମକୁ ଡିଜିଟାଲ୍ ସଂଯୋଗ ସମ୍ପ୍ରସାରିତ କରାଯାଇଛି ?

----

## ଅଣମୌସୁମୀ ଋତୁର ନଦୀ ଜଳ ପ୍ରବାହ ହ୍ରାସ

*74 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ଅଣମୌସୁମୀ ଋତୁରେ କେଉଁ କେଉଁ ନଦୀରେ ଜଳପ୍ରବାହ ହ୍ରାସ ଯୋଗୁ ନଦୀର ତଟବର୍ତ୍ତୀ କେଉଁ କେଉଁ ଜିଲ୍ଲାରେ କେତେ ପରିମାଣର ଭୂତଳ ଜଳ ପ୍ରଭାବିତ ହେଉଅଛି ତାର ନିର୍ଦ୍ଦିଷ୍ଟ ଆକଳନ କରାଯାଇଛି କି, ଯଦି କରାଯାଇନାହିଁ ତେବେ ତାର ଆକଳନ ନିମନ୍ତେ କି କି ପଦକ୍ଷେପ କେବେ ଗ୍ରହଣ କରାଯିବ କହିବେ କି, (ଖ) କେନ୍ଦ୍ରୀୟ ଭୂତଳ ଜଳ ସଂସ୍ଥାନ ଦ୍ୱାରା ୨୦୨୦ ମସିହାରେ ଆଗାମୀ ୫ ବର୍ଷ ପାଇଁ କରାଯାଇଥିବା ମାଷ୍ଟରପ୍ଲାନ୍ ଅନୁସାରେ କେଉଁ କେଉଁ ନଦୀର ତଟବର୍ତ୍ତୀ ଅଞ୍ଚଳର କେଉଁ ସ୍ଥାନରେ Sub-surface duke ନିର୍ମାଣ କରାଯାଇ ଭୂତଳ ଜଳର ସ୍ତରକୁ ନିମ୍ନଗାମୀରୁ ରକ୍ଷା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ନିଷ୍ପତ୍ତି ଆଧାରରେ କେଉଁ ନଦୀର କେଉଁ ତଟବର୍ତ୍ତୀ ଜିଲ୍ଲାରେ କେତେ ବ୍ୟୟ ଅଟ୍ଟକଳରେ Sub surface duke କେଉଁ କେଉଁ ବର୍ଷରେ କରାଯାଇଛି ତାହା ପ୍ରକାଶ କରିବେ କି ?

----

## ପଛୁଆ ବର୍ଗ ଛାତ୍ରାବାସ ନିର୍ମାଣ

*75 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର କେଉଁ ଶିକ୍ଷାନୁଷ୍ଠାନରେ କେତେ ବିଦ୍ୟାର୍ଥୀଙ୍କ ରହଣୀ ପାଇଁ ପଛୁଆ ବର୍ଗ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି ପ୍ରକାଶ କରି ପଛୁଆବର୍ଗ ବିଦ୍ୟାର୍ଥୀଙ୍କୁ ଆବାସିକ ଶିକ୍ଷାର ସୁଯୋଗ ଦେବା ପାଇଁ ଅଧିକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ESI Hospital ଆଧୁନିକରଣ

*76 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଚୌଦ୍ୱାର ଓ ମଧୁପାଟଣାରେ ଥିବା କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟର ସ୍ଥିତି କ'ଣ, ଏହା ତୁରନ୍ତ ସମ୍ପାଦନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଫୁଟବଲ ଖେଳକୁ ଲୋକପ୍ରିୟ କରିବାକୁ ପଦକ୍ଷେପ

*77 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଫୁଟବଲ ଖେଳକୁ ଲୋକପ୍ରିୟ କରିବାକୁ ସରକାର ପଦକ୍ଷେପ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଧାୟକ ମାନଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି

*78 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ଗତ 5 ବର୍ଷ ମଧ୍ୟରେ Special Development Fund ଜରିଆରେ କେଉଁ ବିଧାୟକଙ୍କ କେତେ ପରିମାଣର ଅର୍ଥ ପ୍ରଦାନ କରାଯାଇଛି, ଏହି ପାଣ୍ଠି ଜରିଆରେ କେଉଁ କେଉଁ ଉନ୍ନୟନ କାମ ସମ୍ପାଦନ ହୋଇଛି ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ରାୟଗଡା ଜିଲ୍ଲାରେ ଥିବା M.I. Project ସଂଖ୍ୟା

*79 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ରାୟଗଡା ଜିଲ୍ଲାରେ ବର୍ତ୍ତମାନ କେତୋଟି M.I. Project ଅଛି, ଜଳସେଚନ ପାଇଁ ସରକାରଙ୍କ ତରଫରୁ ପାଣି ପଞ୍ଚାୟତଗଠନ କରାଯାଇଛି କି ନାହିଁ, ଯଦି କରାଯାଇନାହିଁ, ତେବେ କେବେସୁଦ୍ଧା ପାଣି ପଞ୍ଚାୟତ ଗଠନ କରାଯିବ, ଚଳିତ ଆଉ କେତୋଟି M.I. Project କରିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି ଚଳିତ ବର୍ଷ କେନାଲ ମରାମତି ପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ଇଡିତାଲ୍ ଚିତ୍ରକୁ ଦେଶ ବିଦେଶରେ ପ୍ରଚାର ପ୍ରସାର

*80 **ଶ୍ରୀ ରଘୁନାଥ ଗମାଙ୍ଗ (ଗୁଣୁପୁର)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ଗୁଣୁପୁର ନିର୍ବାଚନ ମଣ୍ଡଳୀର ପୁଟ୍ଟାସିଂ ଗ୍ରାମ ପଞ୍ଚାୟତର ରେଜିଙ୍ଗତାଲ ଗ୍ରାମର ସୌରା ଜନଜାତିର "ଇଡିତାଲ୍" ଚିତ୍ରକର ମାନେ "ଇଡିତାଲ୍" ଚିତ୍ରକୁ ରାଜ୍ୟରେ ଏବଂ ଦେଶ ବିଦେଶରେ ପ୍ରଚାର ପ୍ରସାର କାର୍ଯ୍ୟ କରିଆସୁଛନ୍ତି, କିନ୍ତୁ ନୂତନ ଶିଳ୍ପି ମାନଙ୍କୁ ତାଲିମ୍ ଦେବାର ବ୍ୟବସ୍ଥା ସରକାରଙ୍କ ତରଫରୁ ଦିଆଯାଉନାହିଁ, ତଦ୍ୱାରା ନୂତନ "ଇଡିତାଲ୍" ଶିଳ୍ପି ସୃଷ୍ଟି ହୋଇପାରୁନାହିଁ ତେଣୁ ସରକାର ତାଲିମ୍ ଦେବାର ବ୍ୟବସ୍ଥା କରି ନୂତନ "ଇଡିତାଲ୍" ଚିତ୍ର ଶିଳ୍ପି ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବେ କି ?

----

## ଶ୍ରମ ଆଇନ ଅନୁଯାୟୀ Advisory Committee ଗଠନ

*81 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ଶ୍ରମ ଆଇନ୍ ଅନୁଯାୟୀ ରାଜ୍ୟ ସରକାର Advisory Committee କେବେ ଠାରୁ ଗଠନ କରିଛନ୍ତି, ସଂପୃକ୍ତ କମିଟିରେ କେଉଁ କେଉଁ ମାନେ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି, କମିଟିରେ ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ କେବେ କି ନିଷ୍ପତି ଗ୍ରହଣ କରାଯାଇ ସରକାରଙ୍କୁ ସୁପାରିଶ କରାଯାଇଛି, କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଶ୍ରମିକ ମାନଙ୍କୁ ଅବଗତ କରାଯାଇଛି କି, ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ସମାନ ପାରିଶ୍ରମିକ ପ୍ରଦାନ କରିବା ଏବଂ ଠିକାରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କୁ ସ୍ଥାୟୀ କରିବା ନିମନ୍ତେ କମିଟି କେବେ ସରକାରଙ୍କୁ ସୁପାରିଶ କରିଥିଲେ ଏବଂ ସରକାର କେବେ ଅନୁମୋଦନ କରିଥିଲେ, (ଖ) ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଓ କଳିଙ୍ଗନଗର ଶିଳ୍ପାନୁଷ୍ଠାନରେ ବିଭିନ୍ନ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକ ମାନଙ୍କର ଦରମା ଓ ଭତ୍ତାର ତାରତମ୍ୟ ରହୁନଥିବା ପରିପ୍ରେକ୍ଷୀରେ ଏଥି ନିମନ୍ତେ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ନଦୀରେ Instream Storage Structure ନିର୍ମାଣ

***82 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର କେଉଁ କେଉଁ ନଦୀର କେଉଁ କେଉଁ ଠାରେ କେତେ ବ୍ୟୟ ଅଟ୍ଟକଳରେ In- stream storage structures (ISS) ନିର୍ମାଣ ପାଇଁ କେବେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ନିଷ୍ପତ୍ତି ଆଧାରରେ କେବେ ସୁଦ୍ଧା କେଉଁ କେଉଁ ଠାରେ In- stream storage structure ନିର୍ମାଣ କରାଯାଇଛି ଏବଂ କେତେ ବ୍ୟୟ କରାଯାଇଛି, କେଉଁ କାରଣରୁ ନିଷ୍ପତ୍ତି କାର୍ଯ୍ୟକାରୀରେ ବିଳମ୍ବ ହେଉଛି ତାହା ପ୍ରକାଶ କରିବେ ?

----

## ଶାନ୍ତାଳୀ ଶିକ୍ଷକ ନିଯୁକ୍ତି

***83 ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଶାରେ ୨୦ କିମ୍ବା ତାଠାରୁ ଅଧିକ ସାନ୍ତାଳ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବିଭିନ୍ନ ସେବାଶ୍ରମ, ଆଶ୍ରମ ଏବଂ ଆଦର୍ଶ ବିଦ୍ୟାଳୟରେ ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷା ପ୍ରଚଳନ କରିବା ସହିତ ଆବଶ୍ୟକସାନ୍ତାଳୀ ଶିକ୍ଷକ ନିଯୁକ୍ତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ

***84 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ କେତେ ସଂଖ୍ୟକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯାଇଛି, ଶିଶୁ ଶ୍ରମିକ ନିବାରଣ ଓ ନିରାକରଣ (Prevention & Eradication) ପାଇଁ ସରକାରଙ୍କର କି କି ବ୍ୟବସ୍ଥା ଅଛି ଏବଂ ରାଜ୍ୟରେ ପଞ୍ଚାୟତ, ବ୍ଲକ ସ୍ତରରେ ଶିଶୁ ସୁରକ୍ଷା କମିଟି ଅଛି କି, "ଶିଶୁ ହସିଲେ ଦେଶ ହସିବ" ଶିଶୁ ମାନଙ୍କ ପାଇଁ ସଜାଗ ଥିବା N.G.O. ମାନଙ୍କ ପାଇଁ କ'ଣ ପାଣ୍ଠି ଅଛି, S.H.G. ମାନଙ୍କୁ ସେଥିରେ ସଂଯୋଗ କରି ଶିଶୁ ସୁରକ୍ଷା ପାଇଁ ବ୍ୟବସ୍ଥା କରିବେ କି ?

----

## ନଦୀବନ୍ଧ ପ୍ରକଳ୍ପ ଦ୍ୱାରା ଜଳସେଚନ

***85 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) 15.01.2024 ସୁଦ୍ଧା ରାଜ୍ୟରେ କେତୋଟି ନଦୀବନ୍ଧ ପ୍ରକଳ୍ପ (Dam) କେବେଠାରୁ କାର୍ଯ୍ୟକ୍ଷମ ହୋଇ କେତେ ଏକର ଜମିରେ ଜଳସେଚନ ସହ ପାନୀୟ ଜଳ ଯୋଗାଇବାରେ ସହାୟକ ହେଉଛି, ଜିଲ୍ଲା ୱାରୀ, ନଦୀବନ୍ଧ ୱାରୀ ତାଲିକା ଓ ଏହି ନଦୀବନ୍ଧ ମାନଙ୍କର ନିରନ୍ତର ତଦାରଖ, ରକ୍ଷଣାବେକ୍ଷଣ, ସ୍ଥିତିର ଉନ୍ନତି ସହ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନିମନ୍ତେ 2014-15 ଠାରୁ 15.01.2024 ପର୍ଯ୍ୟନ୍ତ ପୃଥକ ରାଜ୍ୟ ବଜେଟ DPIW ରେ କେତେ ପାଣ୍ଠି ବ୍ୟୟ ବରାଦ କରାଯାଇ କେତେ ପାଣ୍ଠି ଖର୍ଚ୍ଚ କରାଯାଇଛି ଗୃହରେ ଉପସ୍ଥାପନ କରିବେ କି? (ଖ) ନଦୀବନ୍ଧ ପୁନର୍ବାସ ଓ ଉନ୍ନତିକରଣ ପ୍ରକଳ୍ପ (DRIP) ର କାର୍ଯ୍ୟଧାରା ନିମନ୍ତେ ବିଶ୍ୱବ୍ୟାଙ୍କ କରିଥିବା ସମୀକ୍ଷା ରିପୋର୍ଟ ଗୃହର ଅବଗତି ନିମନ୍ତେ ଉପସ୍ଥାପନ କରିବା କି?

----

## ବରିଷ୍ଠତା ଅନୁଯାୟୀ ପଦୋନ୍ନତି ଦେବା

***86 ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

OSCSTEWCC Secretariat Branch ଦ୍ୱାରା 30.10.2023 ରେ ST & SC Department ରେ ଦିଆଯାଇଥିବା ଅଭିଯୋଗ ପତ୍ରରୁ ଜଣାପଡେ ଯେ, ଭାରତ ସରକାର ପଦବୀ ଭିତ୍ତିକ ସଂରକ୍ଷଣ (Post Based Roster through Replacement Theory) ବ୍ୟବସ୍ଥାକୁ ଅବଲମ୍ବନ କରି ପଦୋନ୍ନତି କ୍ଷେତ୍ରରେ ବରିଷ୍ଠ ଅନୁସୂଚିତ ଜାତି ଏବଂ ଜନଜାତି କର୍ମଚାରୀଙ୍କ ବରିଷ୍ଠତା ଏବଂ ଯୋଗ୍ୟତାକୁ ଭିତ୍ତି କରି ଅଣସଂରକ୍ଷିତ ପଦବୀରେ ପଦୋନ୍ନତି ପ୍ରଦାନ କରୁଥିବା ବେଳେ ଏବଂ ସେହି ବ୍ୟବସ୍ଥା ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଆଦେଶ ଦେଇଥିବା ସତ୍ତ୍ୱେ କେଉଁ କେଉଁ ବିଭାଗ ଏହି ବ୍ୟବସ୍ଥାକୁ ଓ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି ସରକାର ଜଣାଇବା ସହ ସେହି ବିଭାଗର କର୍ତ୍ତୃପକ୍ଷଙ୍କ ଉଚିତ୍ ପଦକ୍ଷେପ ନେବେ କି ?

----

## ଗୋବରୀ କେନାଲର ନବୀକରଣ

***87 ଶ୍ରୀ ଶଶିଭୂଷଣ ବେହେରା (କେନ୍ଦ୍ରାପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କେନ୍ଦ୍ରାପଡା ପୌରାଞ୍ଚଳ ସୀମା ସ୍ପର୍ଶ କରି ଯାଇଥିବା ଗୋବରୀ କେନାଲର ନବୀକରଣ ତଥା ଉନ୍ନୟନ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱାରା ହେବାର ଦୀର୍ଘ ମାସ ବିତିଯାଇଥିଲେ ଏହାର କାର୍ଯ୍ୟର ଅଗ୍ରଗତି ହେଉନାହିଁ ଏବଂ ଅଧିକାଂଶ ସମୟରେ ବନ୍ଦ ରହୁଛି, ଏହି କେନାଲର ଜଳ ଏବଂ ପ୍ରଦୂଷଣରେ ସହରବାସୀ ଅତିଷ୍ଠ ହେଉଛନ୍ତି, ଏହାର କାରଣ ନିରାକରଣ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ସ୍ପଷ୍ଟିକରଣ ରଖିବେ କି ?

----

## ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କର ଆର୍ଥିକ ପ୍ରଗତି

*୫୫ **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଭଦ୍ରକ ଜିଲ୍ଲାରେ କେତେ ସଂଖ୍ୟକ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଥିଲାବେଳେ ସେମାନଙ୍କ ଆର୍ଥିକ ପ୍ରଗତି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ପଞ୍ଜିକୃତ ଶ୍ରମିକଙ୍କ କଲ୍ୟାଣପାଇଁ ପଦକ୍ଷେପ

*୫୨ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କଳାହାଣ୍ଡି ଜିଲ୍ଲାରେ କେଉଁ ବର୍ଗର କେତେ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରଣପୁର ଜଗନ୍ନାଥ ମନ୍ଦିର ପାଇଁ ଅନୁଦାନ

*୨୦ **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଗଡ଼ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଗଣିତ ହୋଇଥାଏ, କିନ୍ତୁ ରଣପୁର ଗଡ଼ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ପାଇଁ ସରକାରୀ ଅନୁଦାନ ଅତି ନଗଣ୍ୟ, ଚଳିତ ରଥଯାତ୍ରା ତଥା ପରବର୍ତ୍ତି ବର୍ଷମାନଙ୍କ ପାଇଁ ସରକାରଙ୍କ ତରଫରୁ ସର୍ବନିମ୍ନ ପାଞ୍ଚଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇ ଦେବା ପାଇଁ ପଦକ୍ଷେପ ନେବେ କି, ସେହିପରି ରଥଯାତ୍ରାର ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ନିଶୁଳ୍କ ରଥକାଠ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବେ କି ?

----